# ପାପଡ଼ାହାଣ୍ଡିରେ ରାଜସ୍ଥାନ ଜୈନ ଭବନ, ଥାଇଲାଣ୍ଡର ଡ୍ରାଗନ୍ ଟେମ୍ପୁଲ

ପାପଡ଼ାହାଣ୍ଡି,୨୦।୧୦(ସ୍ୱପ୍ନଜିତ ପଟ୍ଟନାୟକ)

ଚଳିତ ବର୍ଷର ଦଶହରା ଲାଗି ଚଳଚଞ୍ଚଳ ହୋଇଉଠିଛି ନବରଙ୍ଗପୁର ଜିଲାର ପାପଡ଼ାହାଣ୍ଡି ସହର। ଲୋକଙ୍କ ମନ କିଣୁଛି ବସ୍‌ଷ୍ଟାଣ୍ଡ ସାର୍ବଜନୀନ ପୂଜା କମିଟିର ରାଜସ୍ଥାନର ଜୈନ ଭବନ, ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ଶ୍ରୀ ଶ୍ରୀ ଦୁର୍ଗାପୂଜା କମିଟିର ଥାଇଲାଣ୍ଡର ଡ୍ରାଗନ୍ ଟେମ୍ପୁଲ ତୋରଣ।

ଡ୍ରାଗନ୍ ଟେମ୍ପୁଲ ତୋରଣର ଉଚ୍ଚତା ୭୦ ଫୁଟ ଥିବାବେଳେ ଚଉଡ଼ା ୮୦ଫୁଟ ରହିଛି। ଏହି ତୋରଣ ତିଆରି ଓ ଲାଇଟ ସାଜସଜ୍ଜା ପାଇଁ କୋଲକାତାର କାରିଗରମାନେ ଆସିଛନ୍ତି। ସେହିପରି ବସ୍‌ଷ୍ଟାଣ୍ଡ ରାଜସ୍ଥାନ ଜୈନ ଭବନ ତୋରଣ ଉଚ୍ଚତା ୭୦ ଓ ଚଉଡା ୮୫ଫୁଟ ରହିଛି। ଏହି ତୋରଣକୁ ମଧ୍ୟ କୋଲକାତା


ଡ୍ରାଗନ୍ ଟେମ୍ପୁଲ ତୋରଣ।


ଜୈନ ଭବନ ।

କାରିଗର ତିଆରି କରୁଛନ୍ତି। ଲାଇଟ ଲାଗି ଜଳେଶ୍ୱର କାରିଗରମାନେ ଆସିଛନ୍ତି। ଉଭୟ ପୂଜା କମିଟି ପକ୍ଷରୁ ବସ୍‌ଷ୍ଟାଣ୍ଡ ଛକରୁ ଭୈରବ ମନ୍ଦିର ପର୍ଯ୍ୟନ୍ତ ଲାଇଟ ସଜାଯାଇଛି। ଦଶହରାରେ ରାବଣପୋଡ଼ି ମଧ୍ୟ ରଖାଯାଇଛି। ଅର୍କେଷ୍ଟ୍ରା ସହ ଦେଶିଆ ନାଚର ମଧ୍ୟ ଆୟୋଜନ କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅବିଭକ୍ତ କୋରାପୁଟ ସହ କଳାହାଣ୍ଡି, ଛତିଶଗଡ଼ ଅଞ୍ଚଳର ଲୋକମାନେ ଆସିବେ। ଏହାକୁ ନଜରରେ ରଖି ଉଭୟ ପୂଜା କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଦର୍ଶନ ପାଇଁ ସମସ୍ତ ଆୟୋଜନ କରାଯାଉଛି।

ଲୋକଙ୍କ ମନୋରଞ୍ଜନ ଲାଗି ମିନାବଜାର ଓ ସହରର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନୀଙ୍କ ପସରା ଲାଗିଲାଣି। ଶୁକ୍ରବାର ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଲକ୍ଷାଧିକ

## ଦଶହରା ପାଇଁ ଚଳଚଞ୍ଚଳ ସହର

ଭକ୍ତଙ୍କ ସମାଗମ ହେବା ସମ୍ଭାବନା ଅଛି। ପାର୍କିଂ ଲାଗି ପାପଡ଼ାହାଣ୍ଡି ମ୍ୟୁଜିୟମ, ତଣ୍ଡାଗୁଡ଼ା, ଦଳେଇଗୁଡ଼ା ଓ ସୁନା ଡଙ୍ଗରି ରାସ୍ତା ନିକଟରେ ସ୍ଥାନ ନିରୂପଣ ହୋଇଛି। ଦଶହରା ଲାଗି ଏବେଠାରୁ ପାପଡ଼ାହାଣ୍ଡିରେ ଭିଡ଼ ଜମିବାରେ ଲାଗିଛି। ବସ୍‌ଷ୍ଟାଣ୍ଡ ସହ ଜାତୀୟ ରାଜପଥ ୨୬ର ଉଭୟ ପାର୍ଶ୍ୱରେ ଦୋକାନ ବସିବାରେ ଲାଗିଛି। ଦଶହରା ଦିନ ରାବଣପୋଡ଼ିରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବା ସମ୍ଭାବନା ରହିଛି। କମିଟି ସଭ୍ୟମାନଙ୍କୁ ନେଇ ପୂଜା କିପରି ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ସେ ଦିଗରେ ଦୃଷ୍ଟି ଦିଆଯାଉଛି ବୋଲି ବସ୍‌ଷ୍ଟାଣ୍ଡ ସାର୍ବଜନୀନ ପୂଜା କମିଟିର ସଭାପତି ବି ଜଗନ ମୋହନ ରାଓ ଓ ଶ୍ରୀଶ୍ରୀ ଦୁର୍ଗାପୂଜା କମିଟିର ସଭାପତି ଜି .ଅନନ୍ତମୂର୍ତ୍ତି କହିଛନ୍ତି। ସେହିପରି ବ୍ଲକର ଦୁମ୍ରୀଲା ଓ ମଇଦଲପୁରଠାରେ ମଧ୍ୟ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି।

# କଲେଜରେ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟମାନେ ।

ଡାବୁଗାଁ, ୨୦।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୈରବ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି। ତେଣୁ ଶିକ୍ଷା ଏକ ମାଧ୍ୟମ ଯାହା ଦ୍ୱାରା ଉଭୟ ଦେଶ ଓ ସଂସ୍କୃତିକୁ ସମ୍ମାନ ଦେବା ଦରକାର। ତେଣୁ ଏହି କାର୍ଯ୍ୟକ୍ରମଟି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ନିଜ ବକ୍ତବ୍ୟରେ କହିଲେ। କ୍ରୀଡ଼ା ପ୍ରତିଯୋଗିତାରେ ୧୦୦ମି, ୨୦୦ମି, ୪୦୦ମି ଓ ୮୦୦ମିଟର ଦୌଡ଼, ସର୍ଟ ପୁଟ୍, ଡିସ୍‌କସ ଥ୍ରୋ, ଲମ୍ବଡିଆଁ, କବାଡି, ଫୁଟ୍‌ବଲ ଓ କ୍ରିକେଟ ଆଦି ଖେଳ କରାଯାଇଛି। ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏଥିରେ ଭାଗନେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ପ୍ରବନ୍ଧ ଓ ତର୍କ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାରତୀୟ ଶାସ୍ତ୍ରୀୟ, ଆଧୁନିକ ଓ ଲୋକ ସଂସ୍କୃତି ଉପରେ ଆଧାରିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଭୈରବ ସ୍ନାତକ ମହାବିଦ୍ୟାଳୟ ଅର୍ଥନୀତି ବିଭାଗୀୟ ମୁଖ୍ୟ ଉର୍ମିଳା ବ୍ରହ୍ମା ଓ ଓଡ଼ିଆ ବିଭାଗୀୟ ମୁଖ୍ୟ ଚନ୍ଦନା ପଣ୍ଡା ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ, ମନୀଷା ସରକାର, ଅଧ୍ୟାପକ ଦୟାରାମ ମନୋହର, ମେକ୍ସ ନାୟକ, ସନ୍ନ୍ୟାସୀ ସାହୁ ଓ ମହେନ୍ଦ୍ର ଦେବରପଲ୍ଲୀଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଶିଶୁ ଯତ୍ନ ଗୃହରୁ ବିଉଟିସିଆନ

ନବରଙ୍ଗପୁର,୨୦।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଂଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଡିଏଲ୍‌ଏସ୍‌ଏ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଉଦ୍ୟମରେ ଉମରକୋଟସ୍ଥିତ ବ୍ଲେସିଂ ଶିଶୁ ଯତ୍ନ ଗୃହର ଅଧାରୁ ପାଠ ଛାଡିଥିବା ଛାତ୍ରୀ ମାମି ସାନ୍ତା ବିଉଟିସିଆନ ହୋଇଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ଏବଂ ନବରଙ୍ଗପୁରଜିଲା ପ୍ରଶାସନ ମିଳିତ ଉଦ୍ୟମରେ ଉମରକୋଟସ୍ଥିତ ବ୍ଲେସିଂ ଶିଶୁ ଯତ୍ନ ଗୃହର ଛାତ୍ରୀ ମାମି ସାନ୍ତାଙ୍କୁ ପ୍ରଥମେ

## ରୋଜଗାର କରି ସ୍ୱାବଲମ୍ବୀ ହୋଇଛନ୍ତି ମାମି ସାନ୍ତା

ଜିଲା ନିଯୁକ୍ତି ଅଧିକାରୀ ଏକ ତାଲିମ ଭିତ୍ତିକ ସଭା କରି ତାଲିମ ଦେଇଥିଲେ। ଏହାପରେ ମାମିଙ୍କୁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପଠାଯାଇଥିଲା। ସେଠାରେ ତାଙ୍କୁ ବିଉଟିସିଆନ ତାଲିମ ଦିଆଯାଇଥିଲା। ତାଲିମ ସାରି ମାମି ଏକ ଘରୋଇ ସଂସ୍ଥାରେ ଚାକିରି ପାଇଛନ୍ତି। ମାସିକ ୧୪,୦୦୦ ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇ ନିଜ ପରିବାରକୁ ସାହାଯ୍ୟ କରୁଛନ୍ତି। ଏହିଭଳି କାର୍ଯ୍ୟକ୍ରମ ଆଗକୁ ଜାରିରହିବ ବୋଲି ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ ସୂଚନା ଦେଇଛନ୍ତି।



# ଷଷ୍ଠୀରେ କଳସ ଶୋଭାଯାତ୍ରା


କଳସ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଡାବୁଗାଁ, ୨୦।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଦୁର୍ଗା ମଣ୍ଡପରେ ଶୁକ୍ରବାର ମା ଦୁର୍ଗାଙ୍କ ଷଷ୍ଠୀପୂଜା ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନରେ ମାଁ ଠାକୁରାଣୀ ମନ୍ଦିର ପୁଷ୍କରିଣୀରେ ଜଳାଧିବାସ ସହ ଗଙ୍ଗା ଆବାହନ କରାଯାଇ ବିଲ୍ୱବରଣ କରାଯାଇଥିଲା। ଏହି କଳସ ଯାତ୍ରାରେ ଗ୍ରାମର ବହୁ ସଂଖ୍ୟକ ବାଳିକା ଓ ମହିଳାମାନେ ସାମିଲ ହୋଇଥିଲେ। କଳସ ମୁଣ୍ଡାଇ ବାଜା ବଜାଇ ବାଣ ଫୁଟାଇ ମହା ଆଡମ୍ବରରେ ଶୋଭାଯାତ୍ରାରେ ମା'ଙ୍କ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ରାତିରେ ଷଷ୍ଠୀପୂଜା କରାଯାଇଥିଲା। ଶନିବାର ଚକ୍ଷୁଦାନ କରିବା ସହ ମାଁଙ୍କୁ ଆବାହନ କରାଯାଇ ସପ୍ତମୀ ପୂଜା କରାଯିବ। ଏଥିରେ ମୁଖ୍ୟ ପୂଜକ ଶିବକୁମାର ପଣ୍ଡାଙ୍କ ସହ ସହଯୋଗୀ ସୁନୀଲ ରଥ, ଶାନ୍ତନୁ ପାତ୍ର ଓ ସୁଶାନ୍ତ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ଅନ୍ୟ ପୂଜକମାନେ ଏଥିରେ ସହାୟତା କରୁଛନ୍ତି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଡାବୁଗାଁ ସହର ଝଲସୁଛି। ପୂଜା କମିଟି ସଭାପତି ଜି. ଗୋପାଳକୃଷ୍ଣ ରାଓ, ସମ୍ପାଦକ ସୁରେନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଏମ୍. ସୂର୍ଯ୍ୟନାରାୟଣ ସୁବୁଦ୍ଧି, ସଭ୍ୟ ଦିବ୍ୟରଞ୍ଜନ ରାୟପାତ୍ର, ଜି. ସାଇରାଜୁ, କୈଳାସ ଚନ୍ଦ୍ର ବିଶୋଇ, ଆଶୁତୋଷ ଜେନା, ବଲ୍ଲଭ ନାରାୟଣ ପଣ୍ଡା, ଗୁପ୍ତ ବିଷୋୟୀ, କୁନୁ ପାତ୍ର, ଡି. ଚନ୍ଦ୍ରଶେଖର ରାଓ, ବିକାଶ ରଞ୍ଜନ ନିଶଙ୍କ, ସୌଭାଗ୍ୟ ବିଶ୍ୱାଳ, ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୫୦ ବର୍ଷରେ ରିକ୍ସା ଷ୍ଟାଣ୍ଡ ଦୁର୍ଗାପୂଜା



ଜୟପୁର, ୨୦।୧୦ (ପବନ ପାଣିଗ୍ରାହୀ)

ଜୟପୁର ଜଗଜ୍ଜନନୀ ଛକରେ ବାବା ସାହେବ ରିକ୍ସା ଷ୍ଟାଣ୍ଡରେ ଶୁକ୍ରବାରରୁ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ ହୋଇଛି। ୫ ଦିନ ଧରି ମା' ସେଠାରେ ପୂଜା ପାଇବେ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମା' ଙ୍କ ନିକଟରେ ନିତି କାନ୍ତି ଆଦି ଜାରି ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବାବା ସାହେବ ରିକ୍ସାଷ୍ଟାଣ୍ଡ ଦୁର୍ଗା ପୂଜା ୫୦ ବର୍ଷରେ ପହଞ୍ଚିଛି। ମା ଜନନୀ ପୂଜା କମିଟି ପୂଜା ପରିଚାଳନା କରୁଛି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଜେଡି ନେତା

ନବରଙ୍ଗପୁର,୨୦।୧୦(ସଦାଶିବ ପ୍ରହରାଜ)

'ପାର୍ବତୀ ଗିରି' ବୃହତ୍ ଉଠା ଜଳସେଚନ ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ୧୦,୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନଦୀ, ଜଳଭଣ୍ଡାର ଏବଂ କେନାଲ ରୁ ଜଳ ଉତ୍ତୋଳନ କରାଯାଇ ୨,୬୩,୮୦୧ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ। ଏନେଇ ସର୍କିଟ ହାଉସ୍‌ରେ ଏକ ଖବରଦାତା ସମ୍ମିଳନୀ କରି ନବରଙ୍ଗପୁର ନଗର ସଭାପତି ପ୍ରମୋଦ ରଥ, ନନ୍ଦାହାଣ୍ଡି ବ୍ଲକ

## ଉଠା ଜଳସେଚନ ପ୍ରକଳ୍ପ କ୍ୟାବିନେଟ୍‌ର ଅନୁମୋଦନ ପରେ

ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଚୁରୀ ଗୁଣିଆଟ ଜଳସେଚନ ପ୍ରକଳ୍ପ ନୂତନ ବୈଷୟିକ କାର୍ଯ୍ୟରେ ଚାପଯୁକ୍ତ ଉଠା ଜଳସେଚନ ପ୍ରକଳ୍ପ ହେବ। ଏଥିପାଇଁ ୧୦୫ କୋଟି ଟଙ୍କା ବ୍ୟୟ ବରାଦ ରହିଛି। ଉକ୍ତ ପ୍ରକଳ୍ପ ମାଧ୍ୟମରେ ୯ ହଜାର ୧୩୫ ହେକ୍ଟର ଜମି ଜଳସେଚନ ହୋଇପାରିବ। କୋଷାଗୁମୁଡ଼ା


ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତାମାନେ।

ସଭାପତି ଦୟା ବିଷୋୟୀ, କୋଷାଗୁମୁଡ଼ା ବ୍ଲକ ସଭାପତି ପ୍ରଶାନ୍ତ ବକ୍ସି, ନବରଙ୍ଗପୁର ବିଜେଡି ଜିଲା କୃଷକ ମୋର୍ଚ୍ଚା ଜିଲା ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଉପସଭାପତି ସରୋଜ ପାତ୍ର ଓ ଏମ୍‌ପି ପ୍ରତିନିଧି ବାବୁଲି ମିଶ୍ର, ସଞ୍ଜୟ ନାୟକ, ମୁନା ବିଷୋୟୀ ବ୍ଲକ ୯ ଓ ନବରଙ୍ଗପୁର ବ୍ଲକର ୬ ପଞ୍ଚାୟତର ଚାଷୀ ଉପକୃତ ହୋଇପାରିବେ ବୋଲି ନବରଙ୍ଗପୁର ବିଜେଡି ଜିଲା କୃଷକ ମୋର୍ଚ୍ଚା ଜିଲା ସଭାପତି ଯୋଗେନ୍ଦ୍ର ସ୍ୱାଇଁ କହିଛନ୍ତି। ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ଏହି ପ୍ରକଳ୍ପ ଅନୁମୋଦିତ ହୋଇଛି।

# ପେପର ମିଲ୍ ଚଲାଇବାକୁ ଟ୍ରକ୍ ମାଲିକ ସଂଘର ଅନୁରୋଧ

ଜୟପୁର, ୨୦।୧୦(ପବନ ପାଣିଗ୍ରାହୀ)

ଜୟପୁର ଟ୍ରକ ଏବଂ ଲରୀ ଓନର୍ସ ଆସୋସିଏଶନର ମିଳିତ ଖବରଦାତା ସମ୍ମିଳନୀ କରି ପେପର ମିଲକୁ ଚଲାଇବାକୁ ସମସ୍ତ ୟୁନିୟନକୁ ଅନୁରୋଧ କରିଛି। କେତେକ ପେପର ମିଲର ୟୁନିୟନ ସହଯୋଗ କରୁ ନ ଥିବାରୁ ଏଠାକାର କଞ୍ଚାମାଲ ବାହା ରାଜ୍ୟକୁ ଯାଉଛି। ପେପେର ମିଲରେ କଞ୍ଚାମାଲ, କୋଇଲା , କାଠ ସବୁ ରହିଛି। କିନ୍ତୁ ପେପେର ମିଲ ଚାଲିପାରୁ ନାହିଁ ବୋଲି ଜୟପୁର ଲରି ଓନର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି କହିଛନ୍ତି। ଏନେଇ ସମସ୍ତ ୟୁନିୟନ ଏକ ହୋଇ ପେପେର ମିଲକୁ ଚଲାଇବାକୁ ସେ ଅନୁରୋଧ କରିଛନ୍ତି । ପେପେର ମିଲ ମାଲିକ ମଧ୍ୟ ୧୨ ହଜାର ଟଙ୍କା ଲେଖାଏ ଦରମା ଆକାଉଣ୍ଟରେ ଜମା କରିଥିବା ବେଳେ ଧୀରେଧୀରେ ସମସ୍ତ ବକେୟା ଟଙ୍କା ପ୍ରଦାନ କରିବ। ତେଣୁ ସମସ୍ତ ୟୁନିୟନ ସହ ଯୋଗ କରିବାକୁ ଅନୁରୋଧ କରାଯାଇଛି।

# 'ପାର୍ବତୀ ଗିରି' ପ୍ରକଳ୍ପକୁ କ୍ୟାବିନେଟ୍‌ର ଅନୁମୋଦନ

ନବରଙ୍ଗପୁର,୨୦।୧୦(ସଦାଶିବ ପ୍ରହରାଜ)

ଚାଷ ଉପଯୋଗୀ ଢିପ ଜମିଗୁଡ଼ିକର ଭୌଗୋଳିକ ସ୍ଥିତି ପାଇଁ ପାରମ୍ପରିକ ପଦ୍ଧତିରେ ଜଳସେଚନ କରିବା ସମ୍ଭବ ନୁହେଁ। ଏହି ଜମିକୁ ଜଳସେଚନ କରିବାକୁ ରାଜ୍ୟ ସରକାର ବୃହତ୍ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାର ଉପଯୋଗିତାକୁ ଲକ୍ଷ୍ୟକରି ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟରେ 'ପାର୍ବତୀ ଗିରି' ବୃହତ୍ ଉଠା ଜଳ ସେଚନ ଯୋଜନାକୁ ଅନୁମୋଦନ କରିଛନ୍ତି ବୋଲି ସ୍ଥାନୀୟ ତୃପ୍ତି ଲଜ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀ କହିଛନ୍ତି।

ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନାରେ ନଦୀ, ଜଳଭଣ୍ଡାର ଏବଂ କେନାଲରୁ

## ଜଳସେଚନ ହେବ ୧୯ ହଜାର ୬ଶହ ହେକ୍ଟର ଜମି

ପାଣି ଉଠାଯାଇ ୨,୬୩,୮୦୧ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯିବ। ଏହି ଯୋଜନାରେ ଉପରୋକ୍ତ ପ୍ରକଳ୍ପ ମାଧ୍ୟମରେ ନବରଙ୍ଗପୁର ଜିଲାର ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥାରେ ଜିଲାର ୧୯ ହଜାର ୬ ଶହ ହେକ୍ଟର ଜମିକୁ ଜଳସେଚନ କରାଯିବ। ଏହାସହ ପ୍ରକଳ୍ପ ଗୁଡ଼ିକର ବିଦ୍ୟୁତ୍ ସଂଯୋଗୀକରଣ ଓ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ପରବର୍ତ୍ତୀ ସମୟରେ ଏହାକୁ ବଢ଼ାଯାଇ ୧୧ଟି ପ୍ରକଳ୍ପ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ଜିଲାର ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ନବରଙ୍ଗପୁର ବ୍ଲକ ୨୫ଟି ପଞ୍ଚାୟତର ଚାଷୀ ଜଳସେଚନର ଲାଭ ପାଇବେ। ରାଜ୍ୟ କ୍ୟାବିନେଟ୍ ପ୍ରକଳ୍ପ ନିର୍ମାଣ ପାଇଁ ୩୬୯ କୋଟି ୬୫ ହଜାର ଟଙ୍କା ବ୍ୟୟ ଅଟକଳ ରଖିଛନ୍ତି। ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମିତ୍ତ ୨୯ କୋଟି ୯୫ ଲକ୍ଷ ଟଙ୍କା ଟେଣ୍ଡରକୁ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରକଳ୍ପ ୩୬ ମାସ ମଧ୍ୟରେ ଶେଷ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ପ୍ରଧାନୀ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଉକ୍ତ ପ୍ରକଳ୍ପଟି ସ୍ଥାନୀୟ ଚାଷୀମାନଙ୍କର ଇନ୍ଦ୍ରାବତୀ ଜଳଭଣ୍ଡାରରୁ କେନାଲ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏନେଇ ବଜେଟରେ ଟଙ୍କା ମଧ୍ୟ ରଖାଗଲା। ଉକ୍ତ ପ୍ରକଳ୍ପ କାର୍ଯ୍ୟ କରିବ କି ନାହିଁ ଖବରଦାତା ପ୍ରଶ୍ନ କରିଥିଲେ। ସିଡବ୍ଲୁସି ଅନୁମୋଦନ ଦେଲା ନାହିଁ । ବର୍ତ୍ତମାନ ସିଡବ୍ଲୁସି ଅନୁମୋଦନ ଆବଶ୍ୟକ ପଡିବ ନାହିଁ। ଚାଷୀଙ୍କ ପାଇଁ ଯେତିକି ପାଣି ଆବଶ୍ୟକ ପଡିବ ସେତିକି ପାଣି ଜଳଭଣ୍ଡାରରୁ ଉଠାଯିବ ବୋଲି ବିଧାୟକ ପ୍ରଧାନୀ କହିଛନ୍ତି। ଭୋଟରଙ୍କୁ ଆକର୍ଷିତ କରିବାକୁ ଏପରି କରାଯାଉଛି କି ବୋଲି ପ୍ରଶ୍ନ କରିବାରୁ ଏହା କ୍ୟାବିନେଟ୍‌ରେ ମଞ୍ଜୁର ହୋଇଛି। ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଡାବୁଗାଁ ବିଧାୟକ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝି, କୋରାପୁଟ ଜୋନ୍ ଯୁବ ବିଜେଡି ସଭାପତି ତାପୋଷ ତ୍ରିପାଠୀ, ଉପସଭାପତି ରବି ପଟ୍ଟନାୟକ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଣ୍ଡା, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଭୀମ ହରିଜନ, ନଗର ସଭାପତି ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତାମାନେ।




କୋରାପୁଟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ହୋଇଥିବା ଦୁର୍ଗାପୂଜା ମଣ୍ଡପ ।


ମଣ୍ଡଳ କାରାଗାର ପକ୍ଷରୁ ମଣ୍ଡପରେ ପୂଜା ପାଉଛନ୍ତି ମା' ଦଶଭୁଜା ।


ଲକ୍ଷ୍ମୀପୁରରେ ହେଉଥିବା ପୂଜା ।

## ସଂକ୍ଷେପରେ

### କାକିରିଗୁମ୍ମା ଅଞ୍ଚଳରେ ଦୁର୍ଗାପୂଜା

**ଲକ୍ଷ୍ମୀପୁର, ୨୦।୧୦ (ଅନନ୍ତ ନାୟକ)**

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ମା'ଦୁର୍ଗାଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି। ପଞ୍ଚପଟମାଳି ଗାଡ଼ି ଚାଳକ ସଂଘ କମିଟି ପକ୍ଷରୁ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ପାଇଁ ଆକର୍ଷଣୀୟ ତୋରଣ, ସାଜସଜ୍ଜା ମନ ମୋହୁଛି। ଶୁକ୍ରବାର ମା'ଙ୍କ କଳସଯାତ୍ରା ସହ ବିଲ୍ୱାଧିବାସ ପୂଜା ଅନୁଷ୍ଠିତ ହୋଇଛି। ୨୧ରେ ମହାସପ୍ତମୀ ପୂଜା, ଭାଇ ଜିଉନ୍ତିଆ ପୂଜା, ବିଜୟ ସପ୍ତମୀ ସ୍ନାନ ଆଦି ନୀତି ହେବ। ୨୨ରେ ମହାଅଷ୍ଟମୀ ପୂଜା, ୨୩ରେ ଦେବୀଙ୍କ ନବମୀ ପୂଜା ଏବଂ ୨୪ରେ ଦଶହରା ବିଜୟା ଦଶମୀ ପୂଜା ହେବ। ୨୫ରେ ଭସାଣି ଯାତ୍ରା କରାଯିବ ।

### ଜିଲା ଶ୍ରମ ଅଧିକାରୀଙ୍କୁ ଘେରିଲେ କାଗଜକଳର ୨ ଶ୍ରମିକ ସଂଘ

**ଜୟପୁର, ୨୦।୧୦(ପବନ ପାଣିଗ୍ରାହୀ)**

କଞ୍ଚାମାଲ ପାଇଁ ଗତ ଜୁଲାଇ ୧୬ରୁ ଜୟପୁର ସେବା ବନ୍ଦ ରହିଥିଲା। କାଗଜକଳ ପାଇଁ କଞ୍ଚାମାଲ ପହଞ୍ଚିବା ପରେ ମଧ୍ୟ ମିଲ୍ ଏବେ ସୁଦ୍ଧା ଚାଲିପାରିନି। ମିଲକୁ ତୁରନ୍ତ ଖୋଲିବା ପାଇଁ ୨ଟି ଶ୍ରମିକ ସଂଘ କହୁଥିବା ବେଳେ ଆଉ ୨ଟି ସଂଘ ଗତ ୪ରେ ଦେଇଥିବା ଦାବି ପୂରଣ ନ ହେବା ଯାଏ ମିଲ୍ ଚାଲିବାକୁ ଦେବୁନି ବୋଲି ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ଶୁକ୍ରବାର ୧ ଓ ୨ନମ୍ବର ଦୁଇଟି ଶ୍ରମିକ ସଂଘ ପକ୍ଷରୁ ସରୋଜ ସୁଆର, ସନ୍ଦୀପ ପଟ୍ଟନାୟକ, କେଦାର ଆଚାର୍ଯ୍ୟ, କେଦାର ମହାପାତ୍ର, ମୁରଲୀଧର ପାତ୍ର, ଗୋପାଳ ନାୟକ , ଦିବାକର ଲିମା, ପ୍ରଦୀପ ପାଙ୍ଗିଆ, ଅଲେଖ ପାତ୍ର, ଅବସରପ୍ରାପ୍ତ ଶ୍ରମିକ ସଂଘ ନେତା ପ୍ରମୋଦ ମହାନ୍ତି ପ୍ରମୁଖ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଗତ ୪ରେ ଦେଇଥିବା ଦାବିପତ୍ର ଏବଂ ଗତ ୧୬ରେ ହୋଇଥିବା ଆଲୋଚନା ପରେ ସେ କଣ ପଦକ୍ଷେପ ନେଇଛନ୍ତି ବୋଲି ପଚାରିଥିଲେ। ୨ଟି ସଂଘର ଶତାଧିକ ସଭ୍ୟ ଶ୍ରମ କାର୍ଯ୍ୟାଳୟକୁ ଘେରାଉ କରି ହଟଗୋଳ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତଙ୍କୁ ଭେଟି ସେ କାହିଁକି ପଦକ୍ଷେପ ନେଉ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଜିଲା ଶ୍ରମ ଅଧିକାରୀ କହିଥିଲେ, କାଗଜକଳ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଡକାଇଥିବା ବେଳେ ଜଣେ ଅଧିକାରୀ ଆଲୋଚନା ପାଇଁ ଆସିଥିଲେ। ଶନିବାର ବୈଠକ ଲାଗି ଜିଲା ଶ୍ରମ ଅଧିକାରୀ କାଗଜକଳର ଉପଦେଷ୍ଟା ଏମ୍‌କେ ଗୁପ୍ତା, ୟୁନିଟ୍ ମୁଖ୍ୟ ଏସଏସ୍ ପାଲଙ୍କ ସହ ୪ଟିଯାକ ଶ୍ରମିକ ସଂଘକୁ ମିଳିତ ଆଲୋଚନା ପାଇଁ ଡାକିଛନ୍ତି ବୋଲି ଶ୍ରମ ଅଧିକାରୀ କହିଛନ୍ତି।

# ଶାରଦୀୟ ଦୁର୍ଗା ପୂଜା ନେଇ କୋରାପୁଟ ଉତ୍ସବମୁଖର

**କୋରାପୁଟ,୨୦।୧୦(ଅମିତାଭ ବେହେରା)**

ଶାରଦୀୟ ଦୁର୍ଗା ପୂଜା ନେଇ କୋରାପୁଟ ସହର ଉତ୍ସବ ମୁଖର ହୋଇଉଠିଛି। ଶୁକ୍ରବାର ମଧ୍ୟରାତ୍ରରେ ମା'ଙ୍କ ଷଷ୍ଠିପୂଜା ସମ୍ପନ୍ନ ହେବ। ଏଥିପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ କୋଲାବ ଜଳଭଣ୍ଡାରରୁ କଳସରେ ଜଳ ଅଣାଯାଇଛି। ଚଳିତ ବର୍ଷ କୋରାପୁଟ ସହରର ବିଭିନ୍ନ ପୂଜା କମିଟି କୋରାପୁଟ ପୋଲିସ ପକ୍ଷରୁ ପୋଲିସ ପଡିଆ, ମଣ୍ଡଳ କାରାଗାର, କୋରାପୁଟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବସଷ୍ଟାଣ୍ଡ, ବଙ୍ଗାଳି ଭାଷାଭାଷୀଙ୍କ ପକ୍ଷରୁ ଡିଏନକେ କଲୋନୀସ୍ଥିତ ରବିନ୍ଦ୍ର ମଣ୍ଡପ, ବ୍ୟବସାୟୀ ସଂଘ ପକ୍ଷରୁ ହାଟପଦା, ଓଏସ୍ଏପି ତୃତୀୟ ବାଟାଲିଆନ ପକ୍ଷରୁ ଓଏମ୍‌ପି ପଡିଆ, ଆଇଆରବି ପ୍ରଥମ ବାଟାଲିଆନ ପକ୍ଷରୁ ସ୍ଥାନୀୟ ଆଇଆରବି କ୍ୟାମ୍ପସ ପରିସର ଏପରି ୭ଟି ସ୍ଥାନରେ ଦୁର୍ଗାପୂଜା କରାଯାଉଛି । ଶୁକ୍ରବାର ମା'ଦୁର୍ଗାଙ୍କ ବିଲ୍ୱବରଣ ଓ ଜଳାଧିବାସ ନୀତି କରାଯାଇଛି। ଜିଲା ପୋଲିସ କମିଟି ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆଠାରେ କରାଯାଉଥିବା ଦୁର୍ଗାପୂଜାରେ ଦୁର୍ଗାମୂର୍ତ୍ତିଙ୍କ ସହ ପାର୍ଶ୍ୱରେ ରାମାୟଣର ବିଭିନ୍ନ ପୌରାଣିକ ବିଷୟବସ୍ତୁ ଉପରେ ଅଧାରିତ ଓ ସଚେତନାଧର୍ମୀ ମୂର୍ତ୍ତିମାନ ସ୍ଥାପନ କରାଯାଇଛି। ସେହିପରି ଓଏସ୍ଏପି ତୃତୀୟ ବାଟାଲିଆନ ପକ୍ଷରୁ ସ୍ଥାନୀୟ ଓଏମପି ଛକ ଠାରେ କରାଯାଉଥିବା ପୂଜା ତୋରଣ ଏକ ମନ୍ଦିର ଆକୃତିର କରାଯାଇଛି । କୋରାପୁଟ ଘୋରଇ ବସ୍ ମାଲିକ ସଂଘ ପକ୍ଷରୁ ବସ୍‌ଷ୍ଟାଣ୍ଡରେ କରାଯାଉଥିବା ପୂଜାରେ ମଧ୍ୟ ଆକର୍ଷଣୀୟ ତୋରଣ କରାଯାଇଛି। ସେହିପରି ଡିଏନକେ କଲୋନୀ ନିକଟରେ ଥିବା ରବିନ୍ଦ୍ର ମଣ୍ଡପଠାରେ ବଙ୍ଗଳା ଭାଷାଭାଷୀ ବାସିନ୍ଦାଙ୍କ ପକ୍ଷରୁ ମା'ଙ୍କ ଷଷ୍ଠି ପୂଜା ଅନୁଷ୍ଠିତ ହୋଇଛି। ଜିଲା ମଣ୍ଡଳ କାରାଗାର ପକ୍ଷରୁ ଜେଲ କଲୋନୀଠାରେ ମା'ଦୁର୍ଗାଙ୍କ ମୂର୍ତ୍ତିରେ ମା'ଙ୍କ ଉଗ୍ରରୂପ ଦେଖିବାକୁ ମିଳିଛି । ବ୍ୟବସାୟୀ ସଂଘ ପକ୍ଷରୁ ହାଟପଦା ଦୁର୍ଗା ମଣ୍ଡପରେ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳା ସମସ୍ତଙ୍କୁ ଆକର୍ଷିତ କରୁଛି। ଦଶହରା ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପାଟ୍ରୋଲିଂ କରାଯିବା ସହ ଗାଡିମୋଟର ଯାଞ୍ଚ କରାଯାଉଛି। ରାତିରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି ।

# ମୋ ମାଟି ମୋ ଦେଶ ଅମୃତ କଳସ ଯାତ୍ରା

**ଦାମନଯୋଡି,୨୦।୧୦(ରାଧାକାନ୍ତ ବ୍ରହ୍ମା)**

ଭାରତର ରାଜଧାନୀ ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଶହୀଦ ସ୍ମୃତି ବାଟିକା ପାଇଁ ସମଗ୍ର ଦେଶର କୋଣ ଅନୁକୋଣରୁ ପ୍ରତିଟି ଘରୁ 'ମୋ ମାଟି ମୋ ଦେଶ' ଅଭିଯାନରେ ମାଟି ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ଦାମନଯୋଡ଼ିସ୍ଥିତ ନବରତ୍ନ ଉଦ୍ୟୋଗ ନାଲ୍‌କୋର ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ଓ କୋରାପୁଟ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସରସ୍ୱତୀ ବିଦ୍ୟାମନ୍ଦିର ଅଡିଟୋରିୟମରେ ଏକ ସଭା ହୋଇଥିଲା। ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ପୌରୋହିତ୍ୟ କରିଥିଲେ। ଏଥିରେ ସିଆଇଏସ୍ଏଫ୍ ଡେପୁଟି କମାଣ୍ଡାଣ୍ଟ ନରେନ୍ଦ୍ର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ହରିଶ ଗୋପାଳ ପରିଚାଳନା କରିଥିଲେ।



ସିଆଇଏସ୍ଏଫ୍ ପକ୍ଷରୁ ସଂଗୃହୀତ ହୋଇଥିବା ମାଟିକଳସକୁ ହସ୍ତାନ୍ତର କରାଯାଉଛି।

ଡ. ନରେଶ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ହରିଶ ଗୋପାଳ, ଇନ୍ସପେକ୍ଟର ଏକ୍ସକ୍ୟୁକେଟିଭ ଚନ୍ଦ୍ରଶେଖର ଦାନି ଓ ଜିତେନ୍ ଚୌଧୁରୀଙ୍କ ନେତୃତ୍ୱରେ ଏକ ଦଳ ନାଲ୍‌କୋ ଟାଉନଶିପ ଓ ଭେଜପୁଟ୍ ଅଞ୍ଚଳର ପ୍ରତି ଘରୁ ଏକ ସୁସଜ୍ଜିତ କଳସରେ ମାଟି ସଂଗ୍ରହ କରିଥିଲେ। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଗୁରୁମାଗୁରୁଜୀ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏଠାରୁ ସଂଗୃହୀତ ମାଟିକୁ ଆଗାମୀ ଦିନରେ ଦିଲ୍ଲୀ ପଠାଯିବ।

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ଦଶମନ୍ତପୁର,୨୦।୧୦ (ଅରବିନ୍ଦ ନାୟକ)**

ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଘାଟିରେ ଗତ ୧୬ ତାରିଖରେ ବାଇକ୍‌ରେ ଯାଉଥିବା ୩ ଜଣ ଯୁବକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଫଟକିଜାମ ଗ୍ରାମର ଘାସିରାମ ବାଘ (୩୦) ଗୁରୁତର ହୋଇଥିଲେ। ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ସେଠାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଘାସିରାମଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ଦୁର୍ଘଟଣାରେ ସେହି ପଞ୍ଚାୟତ ଅନ୍ତର୍ଗତ ଡକାମରା ଗ୍ରାମର ପ୍ରଶାନ୍ତ ବାଘ (୨୫) ଓ ଚିତ୍ର ବିଶୋୟୀ ଆହତ ହୋଇଥିଲେ।

# ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଏକ ବଗି ସଂଯୋଗ ହେବ



କୋରାପୁଟ ରେଳଷ୍ଟେଶନରେ ରହିଥିବା ହୀରାଖଣ୍ଡ ଏକ୍ସପ୍ରେସ ।

**କୋରାପୁଟ,୨୦।୧୦(ଅମିତାଭ ବେହେରା)**

ପାର୍ବଣ ସମୟରେ ଅବିଭକ୍ତ କୋରାପୁଟ ଜିଲା ସମେତ ରାଜ୍ୟର ସମସ୍ତ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବସ ଚଳାଚଳ ବନ୍ଦ କରିଥିବାରୁ ବର୍ତ୍ତମାନ ଟ୍ରେନରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଯାତ୍ରୀମାନେ ସୁବିଧାରେ ଯାତ୍ରା କରିବାକୁ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଶନିବାରଠାରୁ ଆଉ ଏକ ସ୍ଲିପର ବଗି ସଂଯୋଗ କରିବା ପାଇଁ କୋରାପୁଟ ରେଲୱେ ଷ୍ଟେସନ ମ୍ୟାନେଜର ବଳରାମ ମୁଦୁଲି ଭୁବନେଶ୍ୱର ବରିଷ୍ଠ ଯାତ୍ରୀବାହୀ ରେଳ ଚଳାଚଳ ଅଧିକାରୀ ଜ୍ୟୋତି ପ୍ରକାଶ ମିଶ୍ରଙ୍କୁ ଅନୁରୋଧ କରିଥିଲେ । ଏହି ଅନୁରୋଧ ରକ୍ଷା କରି ଆସନ୍ତା ଅକ୍ଟୋବର ୨୧ ଶନିବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଆଉ ଏକ ସ୍ଲିପର ବଗି ସଂଯୋଗ କରିବାକୁ ଅନୁମତି ମିଳିଥିବା ଷ୍ଟେସନ ମ୍ୟାନେଜର ମୁଦୁଲି କହିଛନ୍ତି ।

# ନନ୍ଦପୁର ଦଶହରା ବିଧି, ବିଲ୍ୱବରଣ ଶେଷ


ବିଲ୍ୱବରଣ ପୂଜାର୍ଚ୍ଚନା କରାଯାଉଛି ।

**ନନ୍ଦପୁର, ୨୦।୧୦ (ଶଙ୍କର ପୂଜାରୀ)**

ନନ୍ଦପୁର ଐତିହାସିକ ବତ୍ରିଶ ସିଂହାସନ ପୀଠ ଦଶହରା ଦୁର୍ଗାପୂଜାର ଷଷ୍ଠୀ ତିଥି ବିଧି ସ୍ୱରୂପ ଶୁକ୍ରବାର ବିଲ୍ୱବରଣ ନୀତିକାନ୍ତି ଶେଷ ହୋଇଛି। ପୂଜକ ଲକ୍ଷ୍ମଣ ତ୍ରିପାଠୀ କର୍ତ୍ତା ଟି.ଗଣେଶ ଚୌଧୁରୀ ଓ ତାଙ୍କ ସ୍ତ୍ରୀ ବତ୍ରିଶ ସିଂହାସନ ପରିସରରେ ଥିବା ବେଲ ବୃକ୍ଷମୂଳେ ଏହି ବିଧି ସମ୍ପାଦନ କରିଛନ୍ତି। ଶନିବାର ସପ୍ତମୀ ତିଥି ବିଧିନୁସାରେ କଳସଯାତ୍ରା, ରବିବାର ଅଷ୍ଟମୀ ସନ୍ଧି ଓ ସନ୍ଧିବଳି ପୂଜା ଅନୁଷ୍ଠିତ ହେବ। ସୋମବାର ନବମୀ ପୂଜା ବିଧି ମଙ୍ଗଳବାର ସକାଳ କୁମାରୀ ପୂଜା ଓ ସନ୍ଧ୍ୟାରେ ଦଶମୀ ପୂଜା ହେବ ବୋଲି ପୂଜକ ତ୍ରିପାଠୀ ପ୍ରକାଶ କରିଛନ୍ତି। ସେହିଭଳି ନନ୍ଦପୁର ଜଗତଜନନୀ ପୂଜା କମିଟି ପକ୍ଷରୁ ଶୁକ୍ରବାର କଳସଯାତ୍ରା ପରେ ଷଷ୍ଠୀ ବିଧି ପାଳନ କରାଯାଇଥିବା କର୍ତ୍ତା ପୂର୍ଣ୍ଣଚନ୍ଦ୍ର ସମାର୍ତ୍ତି ସୂଚନା ଦେଇଛନ୍ତି। ଦୁଇ ପୂଜା ମଣ୍ଡପ ଆଲୋକମାଳା ଓ ରଙ୍ଗିନ ତୋରଣରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି।

# ମହାବିଦ୍ୟାଳୟର ପରିଚାଳନା ସମିତି ବୈଠକ


ବୈଠକରେ ଉପସ୍ଥିତ ପରିଚାଳନା ସମିତି ଓ ଅଧ୍ୟାପିକା ଅଧ୍ୟାପକମାନେ ।

**ନନ୍ଦପୁର, ୨୦।୧୦ (ଶଙ୍କର ପୂଜାରୀ)**

ନନ୍ଦପୁର ସଦର ମହକୁମାସ୍ଥିତ ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟଠାରେ ଶୁକ୍ରବାର ମହାବିଦ୍ୟାଳୟ ପରିଚାଳନା ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଭଗବାନ ପେଟିଆ ଅଧ୍ୟକ୍ଷତାକରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନରେ ନିର୍ମିତ ହେଉଥିବା କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷ ଅମର ମହାପାତ୍ର ଶିକ୍ଷାବର୍ଷ ୨୦୨୩ -୨୪ର ବିଭିନ୍ନ ପ୍ରକଳ୍ପର ପୂର୍ଣ୍ଣାଙ୍ଗ ଅନୁମୋଦନ ବିବରଣୀ ଉପସ୍ଥାପନା କରିଥିଲେ। ପରିଚାଳନା ସମିତି ସଭ୍ୟ ଜଗନ୍ନାଥ ପାଙ୍ଗୀ, ସାମୁଏଲ ଦଳପତି, ବିଜୟଲକ୍ଷ୍ମୀ ପଟ୍ଟନାୟକ, କମୁ ପାଙ୍ଗୀ, ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍. ଜୟା ଏବଂ ପଦଲାମ ଗଲରି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା, ସୁରଭି ପାଣିଗ୍ରାହୀ, ସନ୍ତୋଷ ହନ୍ତାଳ, ଭଗବାନ ଖରା, କେଦାର ସାହୁକାର, ନରସିଂହ ଖୋସ୍‌ଲା, ସନ୍ତୋଷ ଦୋରା, ଆକାଶ ସାହୁ, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଠା ସହଯୋଗ କରିଥିଲେ।

# ପ୍ରତିପଦାରୁ ହୋଇଥିବା ପୂଜାନୀତି ବିଜୟା ଦଶମୀରେ ସରେ

**କୋଟପାଡ଼,୨୦।୧୦(କେ. ରାଜଶେଖର ରାଓ)**

କୋରାପୁଟ ଜିଲା କୋଟପାଡ ସହର ବସ୍ତର ଅଞ୍ଚଳ ପରମ୍ପରା ଅନୁଯାୟୀ ଦଶହରା ପର୍ବ ଆରମ୍ଭ ହୋଇଛି। ପ୍ରଥମେ ଦେବଦେବୀ ପୂଜା ମନ୍ଦିରଗୁଡ଼ିକରେ ପ୍ରତିପଦା ଦିନଠାରୁ ଆଜ୍ଞାମାଳ ନେଇ ଲାଠି ସ୍ଥାପନା କରିଥାନ୍ତି। ଦଶହରା ଦିନ ଉକ୍ତ ଲାଠିଗୁଡିକ କାଳିସି ଲାଗିଥିବା ବ୍ୟକ୍ତିଙ୍କ ଦ୍ୱାରା କୋଟପାଡ଼ ଆରାଧ୍ୟା ଦେବୀ ମା' କନକମଣି ମାଉଳି ମନ୍ଦିରଠାରେ ପହଞ୍ଚିବା ପରେ ଏହାକୁ ଦଶହରା ପଡିଆକୁ ନିଆଯାଇଥାଏ। ଚଳିତବର୍ଷ କନକମଣି ମା' ମାଉଳିଙ୍କ ଆଜ୍ଞାମାଳ ଆସିବା ପରେ ଏକ ବାଉଁଶ ଲାଠି ଦମୟନ୍ତୀ ସାଗର ଚମ୍ପାଘାଟରେ ପୂଜା କରାଯାଇ ମାଉଳି ମନ୍ଦିର ସମ୍ମୁଖ ବଡ଼ଦାଣ୍ଡ ନିକଟରେ ସ୍ଥାପନ କରାଯାଇ ଉକ୍ତ ଦିନଠାରୁ ଦଶହରା ପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ ସହରର ମା' ଶୀତଳା ଠାକୁରାଣୀ, ଭୈରବ, କଙ୍କାଲୁଣୀ, ଗାଦିମାୟୀ, ଦୁଆରଶୁଣୀ, କୁଣ୍ଡାଖାଇ, ପରଦେଶିନୀ ଆଦି ମନ୍ଦିରରେ ପୂଜାପାଠ କରାଯାଇଛି। ମାନସିକଧାରୀମାନେ ନବରାତ୍ର ପାଳନ ଅବସରରେ ପ୍ରଦୀପ ଉଜ୍ଜ୍ୱଳନ କରିଛନ୍ତି। ଏଠାରେ ରାଜାରାଜୁଡା ସମୟରୁ ପାଳନ ହୋଇ ଆସୁଥିବା ଦଶହରା ଅବସରରେ ଦଶହରାର ୧୦ ଦିନ ମଧ୍ୟରୁ ୯ ଦିନ ଧରି ମା'ମାଉଳିଙ୍କ ଆଜ୍ଞାମାଳ ନେଇ ସନ୍ଧ୍ୟା ସମୟରେ ପୂଜାପାଠ କରି ମାଉଳି ମା'ଙ୍କୁ ଏକ ଘୋଡ଼ାରେ ବିଜେ କରାଯାଇ ବଡ଼ଭଉଣୀ ବାହାରଗଡ଼ସାହି ନିକଟରେ ଥିବା ମା' ଶୀତଳା ଠାକୁରାଣୀଙ୍କୁ ଭେଟ ହେବାକୁ ଆସିଥାନ୍ତି। ଏହି ଅପୂର୍ବ ଦୃଶ୍ୟ ଦର୍ଶନ କରିବା ସକାଶେ ପ୍ରବଳ ଜନ ସମାଗମ ହୋଇଥାଏ। ନାଗରା, ମହୁରି, ଡାମ୍ଫ, ଘଣ୍ଟ, ଶଙ୍ଖ, ହୁଳହୁଳିରେ ପରିବେଶ ଉଚ୍ଛୁଳି ପଡେ। ଶେଷ ଦଶହରା ଦିନ ମାଉଳି ମନ୍ଦିରରେ ପଣ୍ଡିତ ମାନଙ୍କ ଦ୍ୱାରା ହୋମଯଜ୍ଞ ପରେ ଅପରାହ୍ନରେ ଏକ ବିମାନରେ ମା'ଙ୍କୁ ସହର ପରିକ୍ରମା କରାଯାଇ ଦଶହରା ପଡ଼ିଆର ଅସ୍ଥାୟୀ ମଣ୍ଡପରେ ମା' ବିରାଜମାନ କରନ୍ତି। ସେଠାରେ ରାବଣପୋଡ଼ି ଉତ୍ସବ ହୋଇଥାଏ । ଉକ୍ତ ଦିନ ରାତିରେ ପୁଣି ମା'ଙ୍କୁ ବିମାନରେ ପୁଣି ମନ୍ଦିରକୁ ଅଣାଯାଇଥାଏ। ଚଳିତ ବର୍ଷ କୋଟପାଡ଼ ସହରରେ ୪ଟି ସ୍ଥାନରେ ଦଶହରା ପୂଜା ମଣ୍ଡପ ହୋଇଛି । ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସ୍ଥାନୀୟ ପ୍ରଶାସନ, ପୂଜା କମିଟି, ମନ୍ଦିର କମିଟି ପରସ୍ପର ମଧ୍ୟରେ ସମନ୍ୱୟ ରଖି ପରିଚାଳନା କରୁଛନ୍ତି।


ପୂଜା ପାଉଥିବା ମା' ।

# ଘରୋଇ ବସ୍ ଚଳାଚଳ ବନ୍ଦ, ଯାତ୍ରୀ ହନ୍ତସନ୍ତ

**କୋରାପୁଟ/ଜୟପୁର,୨୦।୧୦
(ଅମିତାଭ ବେହେରା/ ପବନ ପାଣିଗ୍ରାହୀ)**

ଲକ୍ଷ୍ମୀ ଯୋଜନାର ବସ୍ ଜିଲ ସଦର ମହକୁମାକୁ ଚାଲିବାକୁ ବିରୋଧ କରି ଘରୋଇ ବସ୍ ଧର୍ମଘଟ ଆରମ୍ଭ ହୋଇଛି। ଅବିଭକ୍ତ କୋରାପୁଟ ଜିଲାରେ ଏହାର ଗଭୀର ପ୍ରଭାବ ପଡିଛି। ବିଭିନ୍ନ ସ୍ଥାନକୁ ଯାତ୍ରୀମାନେ ଶୁକ୍ରବାର ଯାତ୍ରା କରିବା ଲାଗି ବହୁ ହଇରଣ ହୋଇଥିବା ଦେଖିବାକୁ ମିଳିଛି । କୋରାପୁଟ ଘରୋଇ ବସ ମାଲିକ ସଂଘ ସମ୍ପାଦକ ନରେଶ ପାଢୀ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ପୂର୍ବରୁ ଅନୁଷ୍ଠିତ ବୈଠକରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରି ନ ଥିବାରୁ ରାଜ୍ୟ ସଂଘ ପକ୍ଷରୁ ବସ ଚଳାଚଳ ବନ୍ଦ ରଖି ଆନ୍ଦୋଳନ କରାଯାଇଛି ବୋଲି କହିଛନ୍ତି। ପୂଜା ସମୟରେ ଧର୍ମଘଟ କରି ଯାତ୍ରୀଙ୍କୁ ହଇରାଣ କରିବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ସେ ସୂଚନା ଇେଛନ୍ତି। ଅନ୍ୟପକ୍ଷରେ ଯାତ୍ରୀମାନଙ୍କ ଅସୁବିଧାକୁ ଦୂର କରିବା ଲାଗି ରାଜ୍ୟ ପରିବହନ ନିଗମ ପକ୍ଷରୁ କିଛି ସରକାରୀ ବସ୍ ଶୁକ୍ରବାର ରାତିରୁ ଚଳାଚଳ ଆରମ୍ଭ କରିଥିବା ଜଣାପଡିଛି।

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ବନ୍ଦ ଡାକରାର ପ୍ରଭାବ ଜୟପୁରରେ ଦେଖିବାକୁ ମିଳିଛି । ଜୟପୁର ଘରୋଇ ବସଷ୍ଟାଣ୍ଡରେ ବସ୍ ସବୁ ଅଟକି ରହିଛି। ଜୟପୁରଠାରୁ ଅବିଭକ୍ତ କୋରାପୁଟ ଜିଲା ପାଇଁ ୪୦ଟି ରୁଟରେ ବସ୍ ଚଳାଚଳ ପ୍ରଭାବିତ ହୋଇଛି। ଏହିସବୁ ରୁଟ୍‌ରେ ୨ ଶହ ବସଚଳାଚଳ କରିଥାଏ। ଦଶହରା ଯୋଗୁ ଶିକ୍ଷାନୁଷ୍ଠାନ, ଅଫିସ ସବୁ ଛୁଟି ହୋଇଥିବା ବେଳେ ଘରୋଇ ବସ ଚଳାଚଳ ବନ୍ଦ ହେତୁ ଯାତ୍ରୀ ମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଭୁବନେଶ୍ୱର ଓ କଟକରେ ରହି ପାଠପଢୁଥିବା ଛାତ୍ରୀଛାତ୍ର ଏବଂ ଚାକିରି କରୁଥିବା ବ୍ୟକ୍ତିମାନେ ଛୁଟିରେ ଘରକୁ ଆସିପାରୁ ନ ଥିବାରୁ ଦୁଃଖରେ ରହିଛନ୍ତି। ଜିଲା ମୁଖ୍ୟାଳୟକୁ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ ଏବଂ ଅନ୍ୟାନ୍ୟା ଦାବି ନେଇ ଘରୋଇ ବସ ମାଲିକ ସଂଘ ଆନ୍ଦୋଳନକୁ ଓହ୍ଲାଇ ବସ୍ ଚଳାଚଳ ବନ୍ଦ କରିଛି। ସରକାରଙ୍କ ସହ ରାଜ୍ୟ ସଂଘ ଆଲୋଚନା ବିଫଳ ହୋଇଥିବା ବେଳେ ପୁଣି ଥରେ ବୈଠକ ଡକାଯାଇଛି।


କୋରାପୁଟ ବସ୍‌ଷ୍ଟାଣ୍ଡରେ ବିଭିନ୍ନ ସ୍ଥାନକୁ ଯିବାପାଇଁ ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ।

